# ଜିଲ୍ଲା ସ୍ତରୀୟ ଯୁବ ଉତ୍ସବ ଅନୁଷ୍ଠିତ ।

## ଅନୁଷ୍ଠିତ ହେଲା ସାଂସ୍କୃତିକ ଶୋଭାଯାତ୍ରା ।

କ୍ରୀଡା ଓ ଯୁବ ସେବା ବିଭାଗ ଦ୍ୱାରା ଜିଲ୍ଲା ସ୍ତରୀୟ ଯୁବ ଉତ୍ସବ ଆଜି ପୂର୍ବାହ୍ନରେ ସଭାଘର ପରିସରରେ ଅନୁଷ୍ଠିତ ହୋଇଯାଇଛି । ୨ ଦିନ ବ୍ୟାପି ଏହି ଉତ୍ସବର ଅନ୍ତିମ ଦିବସରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜିଲ୍ଲାରେ ପ୍ରତ୍ୟେକ ପ୍ରାନ୍ତରେ ପ୍ରତିଭାବାନ କଳାକାରମାନେ ଅଛନ୍ତି, କ୍ରୀଡା ଓ ସଂସ୍କୃତି କ୍ଷେତ୍ରରେ ଏହି ଯୁବ ପ୍ରତିଭାକୁ ଚିହ୍ନଟ କରି ସେମାନଂକର ପ୍ରତିଭାକୁ ବିକଶିତ କରିପାରିଲେ କଳାକାରମାନେ ସ୍ୱାବଲମ୍ବୀ ହେବା ସହ ଜିଲ୍ଲାର ସୁନାମ ବଢିବ ବୋଲି ମତବ୍ୟକ୍ତ କରିଥିଲେ । ବିଭାଗୀୟ ଅଧିକାରୀମାନେ କଳାକାର ଚିହ୍ନଟରେ ବିଶେଷ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ସଚ୍ଚିଦାନନ୍ଦ ବେହେରା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଶରତ ଚନ୍ଦ୍ର ସେଠୀ ଓ କଳାକାରର ସଭାପତି ଶ୍ରୀ ଭୂପେଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇ ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀମାନଂକର ପ୍ରତିଭାର ବିକଶିତ ହୋଇପାରିଲେ ରାଜ୍ୟ ତଥା ଜିଲ୍ଲାର ସୁନାମ ବୃଦ୍ଧି ପାଇବ ବୋଲି ମତବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ଅକ୍ଷୟ କୁମାର ସିଠ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିବାବେଳେ ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ ଶ୍ରୀ ପ୍ରଶାନ୍ତ କୁମାର ସିହ୍ନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଶ୍ରୀ ରଂଜନ କୁମାର ବେହେରା କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ । ସକାଳେ ଶୈଳଶ୍ରୀକ୍ଷେତ୍ର ଶ୍ରୀ ଜଗନ୍ନାଥ ମନ୍ଦିର ସମ୍ମୁଖରୁ ପାରମ୍ପରିକ ବେଶଭୂଷାରେ ସଜିତ ହୋଇ ବାହାରିଥିବା ସାଂସ୍କୃତିକ ଦଳ ଗୁଡିକର ଶୋଭାଯାତ୍ରାକୁ ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବାସୁଦେବ ଶତପଥି ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଅପରାହ୍ନରେ ଉଦଯାପନୀ ଉତ୍ସବରେ ଅନୁଗୋଳ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମଧୁସ୍ମିତା ନନ୍ଦ ଓ ବ୍ଲକ୍ ଶିକ୍ଷା ଅଧିକାରୀ ଲୋପାମୁଦ୍ରା ପଟ୍ଟନାୟକ ଅତିଥି ଭାବେ ଯୋଗ ଦେଇ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଂକୁ ପୁରସ୍କୃତ କରିଥିଲେ । ୨ ଦିନ ବ୍ୟାପି ହୋଇଥିବା ପ୍ରତିଯୋଗିତା ଯଥା ଲୋକନୃତ୍ୟ,ଲୋକଗୀତ ଡ୍ରାମା,ତାବଲା,ହାରମୋନିୟମ,ଓଡିଶୀ ନୃତ୍ୟ, ଶାସ୍ତ୍ରୀୟ ଗୀତ ଓ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଆସନ୍ତା ମାସରେ ଭୁବନେଶ୍ୱର ଠାରେ ହେବାକୁ ଥିବା ରାଜ୍ୟ ସ୍ତରୀୟ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିବେ ।




ଜିଲ୍ଲାସ୍ତରୀୟ ଯୁବ ଉତ୍ସବ - ୨୦୧୯


HAVELLS